# ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), *e-mail :-* aoubea@gmail.com

*ସ୍ଥାପିତ* - ୦୭-୦୮-୧୯୭୭, *ରେଜିଷ୍ଟ୍ରେସନ ନଂ .:-* ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*ମୋବାଇଲ୍ ନଂ.:-* ସଭାପତି – ସାଥି ଉପେନ୍ଦ୍ର ମହାନ୍ତି - 94372 72600, ସାଧାରଣ ସମ୍ପାଦକ – ସାଥି ଅଜୟ କୁମାର ମହାନ୍ତି - 94396 17325

*ମୁଖ୍ୟ କାର୍ଯ୍ୟାଳୟ -* ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ହୋଟେଲ୍ କ୍ରାଉନ ପାଖ, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧ ୦୧୫


*ପରିପତ୍ର ସଂଖ୍ୟା :-* ୦୭-୨୦୧୮ ଭୁବନେଶ୍ୱର

*ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,* ୦୩.୦୪.୨୦୧୮

ପ୍ରିୟ କମ୍ରେଡ୍,

**ୟୁ.ଏଫ୍.ବି.ୟୁ. ଧାରଣା :-** ୟୁ.ଏଫ୍.ବି.ୟୁ. ଡାକରାରେ ଗତ ତା୨୧.୦୩.୨୦୧୮ରିଖରେ ଦିଲ୍ଲୀଠାରେ ବ୍ୟାଙ୍କ୍ କର୍ମଚାରୀ ଏବଂ ଅଫିସରମାନଙ୍କୁ ନେଇ ଏକ ବିରାଟ "ଧାରଣା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆମର ଦାବୀ ହେଉଛି, ଜାଲିଆତି କରି ବ୍ୟାଙ୍କ୍‌ରୁ ନେଇଥିବା ଋଣ ଅର୍ଥକୁ ଖିଲାପ କରିଥିବା ବ୍ୟକ୍ତିବିଶେଷ ତଥା ଏଥିରେ ସଂପୃକ୍ତ ବ୍ୟାଙ୍କ୍‌ର ଉଚ୍ଚପଦସ୍ଥ ଅଫିସରମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ଘଟଣାକୁ ଯୁଗ୍ମ ସଂସଦୀୟ କମିଟୀ ଦ୍ୱାରା ଯାଞ୍ଚ କରାଯିବା ସଙ୍ଗେ ସଙ୍ଗେ ଏହି କ୍ରମରେ ରିଜର୍ଭ ବ୍ୟାଙ୍କର ନିଷ୍କ୍ରିୟ ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଉ । ଏହା ନ କରି ସାଧାରଣ ବ୍ୟାଙ୍କ କର୍ମଚାରୀ ଏବଂ ଅଫିସରମାନଙ୍କୁ ବଦଳି କରାଯିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ସର୍ବସାଧାରଣଙ୍କର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ଭରସା ଫେରାଇ ଆଣିବାକୁ କେନ୍ଦ୍ର ସରକାର ସମୁଚିତ ପଦକ୍ଷେପ ନେବା ଆବଶ୍ୟକ । ଏହି ଧାରଣା କାର୍ଯ୍ୟକ୍ରମରେ ରାଜ୍ୟ ବେଫି ୟୁନିଟ୍ "A.O.B.E.F." ତରଫରୁ ଆମ ରାଜ୍ୟରୁ ବିଭିନ୍ନ ବ୍ୟାଙ୍କରୁ ୧୧ଜଣ ସାଥି ଭାଗ ନେଇଥିଲେ । ଆମ ରାଜ୍ୟ ସଙ୍ଗଠନ ତରଫରୁ ୫ ଜଣ ସାଥି ଯଥା - ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ, ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ କମିଟୀ ସଦସ୍ୟ ସାଥି ଲିଟୁ ନାୟକ, ଚନ୍ଦନ କିଶୋର ମୁଖି ଏବଂ ବିଜୟ କୁମାର ବସ୍ତିଆ ଯୋଗ ଦେଇଥିଲେ ।

**ସାଥିଙ୍କ ଅବସର :-** କଲେଜ ଛକ ଶାଖାର ସ୍ପେଶାଲ୍ ଆସିଷ୍ଟାଣ୍ଟ ସାଥି ମାଗୁଣି ଚରଣ ଜେନା ଗତ ତା୨୮.୦୨.୨୦୧୮ରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ଜେନା ତା୧୫.୧୧.୧୯୭୮ରିଖରେ ସବ୍‌ଷ୍ଟାଫ୍ ପଦବୀରେ ଯୋଗ ଦେଇ ତା୦୮.୦୭.୨୦୧୧ରିଖରେ କିରାଣୀ ପଦବୀକୁ ଉନ୍ନୀତ ହୋଇଥିଲେ । ଏହି ମର୍ମରେ "ୟୁନିୟନ ବ୍ୟାଙ୍କ ପରିବାର, କଟକ" ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । କୋଷାଧ୍ୟକ୍ଷ ସାଥି ସୁରେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ସଭାରେ ସଭାପତି ସାଥି ଉପେନ୍ଦ୍ର ମହାନ୍ତି ରାଜ୍ୟ ସଙ୍ଗଠନ ତରଫରୁ ଉପଢୌକନ ଦେଇ ସାଥି ଜେନା ଏବଂ ତାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ ଯୋଗ ଦେଇ ସାଥି ଜେନାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ । ଏହି ସଭାରେ କଟକ ସହରର ବିଭିନ୍ନ ଶାଖାର ଅଧିକାଂଶ ସାଥି ଯୋଗ ଦେଇଥିଲେ ।

ଅନୁଗୁଳ ଶାଖାର ସ୍ପେଶାଲ୍ ଆସିଷ୍ଟାଣ୍ଟ ସାଥି ଶୁକଦେବ ଦେହୁରୀ ଗତ ତା୩୧.୦୩.୨୦୧୮ରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ଦେହୁରୀ ତା୧୯.୧୦.୧୯୮୩ କିରାଣୀ ପଦବୀରେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଗୁଳ ଶାଖା ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ ରାଜ୍ୟ ସଙ୍ଗଠନ ତରଫରୁ ଉପଢୌକନ ଦେଇ ସାଥି ଦେହୁରୀ ଏବଂ ତାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ କୋଷାଧ୍ୟକ୍ଷ ସାଥି ସୁରେଶ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ କମିଟୀ ସଦସ୍ୟ ଲିଟୁ ନାୟକଙ୍କ ସହିତ ଅନୁଗୁଳ, ତୁରଙ୍ଗ ଏବଂ ସାଉଥ୍ ବଲଣ୍ଡା ଶାଖାର ଅଧିକାଂଶ ସାଥି ଯୋଗ ଦେଇଥିଲେ ।

ଜଗତ୍‌ସିଂହପୁର ଶାଖାର ହେଡ୍ କ୍ୟାସିଅର ସାଥି ଅନାମ ଚରଣ ସେଠୀ ଗତ ତା୩୧.୦୩.୨୦୧୮ରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ସେଠୀ ତା୨୮.୧୨.୧୯୮୭ରିଖରେ ସବ୍‌ଷ୍ଟାଫ୍ ପଦବୀରେ ଯୋଗ ଦେଇ ତା୦୯.୦୫.୨୦୦୭ରିଖରେ କିରାଣୀ ପଦବୀକୁ ଉନ୍ନୀତ ହୋଇଥିଲେ । ଏହି ଅବସରରେ ଶାଖା ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି ସଙ୍ଗଠନ ତରଫରୁ ଉପଢୌକନ ଦେଇ ସାଥି ସେଠୀ ଏବଂ ତାଙ୍କ ସହଧର୍ମିଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଉପ ସାଧାରଣ ସମ୍ପାଦକ ସାଥି ଦେବଦତ୍ତ ମହାନ୍ତି ଏବଂ ସଙ୍ଗଠନ ସମ୍ପାଦକ ସାଥି ସରୋଜ କୁମାର ନାୟକ ଯୋଗ ଦେଇ ସାଥି ସେଠୀଙ୍କର ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିଥିଲେ ।

**ଡ୍ୟୁଟି ଲିଷ୍ଟ :-** ଶାଖା ସ୍ତରରେ ବ୍ୟାଙ୍କ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ସବ୍‌ଷ୍ଟାଫ୍ ମାନଙ୍କୁ କିରାଣୀ ପଦ ନିମିତ୍ତ ଉଦ୍ଦିଷ୍ଟ କାର୍ଯ୍ୟ କରାଇବାକୁ ବାଧ୍ୟ କରୁଛନ୍ତି । କେବଳ ସେତିକି ନୁହେଁ, ଅଧିକାଂଶ କ୍ଷେତ୍ରରେ ଶାଖା କର୍ତ୍ତୃପକ୍ଷ ବାହାର ଲୋକଙ୍କୁ ଶାଖାରେ କିରାଣୀ ଏବଂ ସବ୍‌ଷ୍ଟାଫ୍ ମାନଙ୍କ ନିମିତ୍ତ ଉଦ୍ଦିଷ୍ଟ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଉଛନ୍ତି । ଶାଖା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁସୃତ ଏହି ଅନିୟମିତତା ଆମର କେନ୍ଦ୍ରୀୟ କାର୍ଯ୍ୟାଳୟ ତରଫରୁ ପ୍ରଣୀତ କାର୍ଯ୍ୟଧାରାକୁ ଉଲଙ୍ଘନ କରୁଅଛି । ଦୀର୍ଘ ଦିନ ଧରି ଚାଲିଆସୁଥିବା ଏହି ବେଆଇନ କାର୍ଯ୍ୟଧାରାକୁ ତୁରନ୍ତ ବନ୍ଦ କରାଇବାକୁ, ବିଭିନ୍ନ ସମୟରେ ଅନୁଷ୍ଠିତ I.R.Meeting ମାଧ୍ୟମରେ, ଆମ ରାଜ୍ୟ ସଂଗଠନ ଉଭୟ ସମ୍ବଲପୁର ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବୀ ଜଣାଇଆସୁଛି । ଆମ ଦାବୀ ମୁତାବକ ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷ ନିକଟରେ ପୁନର୍ବାର ସମସ୍ତ ଶାଖାକୁ ପତ୍ର ଲେଖିଛନ୍ତି । ଏହି ପତ୍ର ଦୁଇଟିକୁ ଆମେ ଏଥି ସହ ସଂଲଗ୍ନ କରୁଅଛୁ । ଆମେ ପୁନର୍ବାର ଆମର ସମସ୍ତ ସାଥିମାନଙ୍କୁ ଅନୁରୋଧ କରୁଅଛୁ କି, କ୍ଷେତ୍ରୀୟ କର୍ତ୍ତୃପକ୍ଷଙ୍କ ତରଫରୁ ଜାରୀ ନିର୍ଦ୍ଦେଶନାମାକୁ ଶାଖା ସ୍ତରରେ ଲାଗୁ କରାଇବାକୁ ବିଶେଷ ଯତ୍ନବାନ ହେବେ ।

**<u>ଅନୁକମ୍ପାମୂଳକ ନିଯୁକ୍ତି</u> :-** ପୂର୍ବରୁ ସଂଗଠନ ତରଫରୁ ଗତ ତା୦୪.୧୦.୨୦୧୭ରିଖରେ ଜାରୀ ପରିପତ୍ର ସଂଖ୍ୟା ୨୨ ଜରିଆରେ ତା୦୫.୦୮.୨୦୧୪ରିଖ ଠାରୁ ପୁନଃ ପ୍ରଚଳିତ "ଅନୁକମ୍ପାମୂଳକ ନିଯୁକ୍ତି" ଯୋଜନା ଭିତ୍ତିରେ ଚାକିରୀ ପାଇଥିବା ସାଥିମାନଙ୍କ ତାଲିକା ସମ୍ବନ୍ଧରେ ଜଣାଇଥିଲୁ । ରାଜ୍ୟ ସଙ୍ଗଠନର ନିରନ୍ତର ଉଦ୍ୟମ ଫଳରେ ଆଉ ୩ ଜଣ ଦିବଙ୍ଗତ ସାଥିଙ୍କ ପରିବାର ସଦସ୍ୟଙ୍କ ଚାକିରୀ ନିଶ୍ଚିତ ହୋଇପାରିଅଛି ।

| କ୍ର | ଦିବଂଗତ ସାଥି | ଶାଖା | ପଦବୀ | ମୃତ୍ୟୁ ତାରିଖ | ବ ର୍ତ୍ତମାନ ପରିସ୍ଥିତି |
|---|---|---|---|---|---|
| ୧ | ବ୍ରଜ ବେହେରା | ଚନ୍ଦ୍ରଶେଖରପୁର | ହାଉସ୍ କିପର୍ | ୦୨.୦୩.୨୦୧୬ | ପତ୍ନୀ- କାଇଁଚଙ୍କର ଚାକିରୀ ନିଶ୍ଚିତ ହୋଇଅଛି |
| ୨ | କମଳ ଲୋଚନ ନେତ୍ରୁର | ଦେଓଗଡ | ଦପ୍ତରୀ | ୦୫.୦୧.୨୦୧୭ | ପତ୍ନୀ- ନିରୂପମାଙ୍କର ଚାକିରୀ ନିଶ୍ଚିତ ହୋଇଅଛି |
| ୩ | ଜୀତ କାଣ୍ଡା | ବୂର୍ଲା | ଦପ୍ତରୀ | ୦୮.୦୨.୨୦୧୭ | ପୁତ୍ର- ସଦାନନ୍ଦଙ୍କର ଚାକିରୀ ନିଶ୍ଚିତ ହୋଇଅଛି |
| ୪ | ବଂଶୀଧର ପ୍ରଧାନ | ଓଡଗାଁ | ଦପ୍ତରୀ | ୦୧.୧୦.୨୦୧୪ | କନ୍ୟା-ମମତା ପ୍ରଧାନ ଆବେଦନ କରିଛନ୍ତି |
| ୫ | ଶାନ୍ତି ବାହାଦୂର | ପାରଳାଖେମୁଣ୍ଡି | ପିଅନ | ୦୩.୧୦.୨୦୧୫ | ପୁତ୍ର- ମଣି ବାହାଦୂର ଆବେଦନ କରିଛନ୍ତି |
| ୬ | ମୀନା ମୁଣ୍ଡା | ଝାରସୁଗୁଡା | ହାଉସ୍ କିପର୍ | ୧୩.୧୨.୨୦୧୫ | ପୁତ୍ର- ସନ୍ତୋଷ ମୁଣ୍ଡା ଆବେଦନ କରିଛନ୍ତି |
| ୭ | ତୁଳସୀ ସୋରେନ୍ | ରାଇରଙ୍ଗପୁର | ହେଡ୍ କ୍ୟାସିଅର୍ | ୧୧.୦୪.୨୦୧୭ | ପୁତ୍ର- ଭୀମସେନ ସୋରେନ୍ ଆବେଦନ କରିଛନ୍ତି |
| ୮ | ଶରତ ଗୋଛାୟତ | ଯାଜପୁର ଟାଉନ୍ | SWO-B | ୨୨.୦୬.୨୦୧୭ | କନ୍ୟା- ସସ୍ମିତା ଗୋଛାୟତ ଆବେଦନ କରିଛନ୍ତି |

**<u>ନୂତନ ଶାଖା</u> :-** ଇତିମଧ୍ୟରେ, ସମ୍ବଲପୁର ସହରର "ବରେଇପାଲ୍ଲୀ"ଠାରେ ସମ୍ବଲପୁର କ୍ଷେତ୍ରର ୫୪ତମ ଶାଖା ଖୋଲିଅଛି । ଏହି ଶାଖାଟିକୁ ମିଶାଇଲେ, ଓଡିଶାରେ ଆମ ବ୍ୟାଙ୍କର ବ୍ୟବସାୟିକ ଶାଖାଗୁଡିକର ଅବସ୍ଥିତି ଭିତ୍ତିରେ ସ୍ଥିତି ନିମ୍ନ ପ୍ରକାରେ ହେବ :-

| | ଗ୍ରାମାଞ୍ଚଳ | ଅର୍ଦ୍ଧ-ସହରାଞ୍ଚଳ | ସହରାଞ୍ଚଳ | ମୋଟ ଶାଖା ସଂଖ୍ୟା | କ୍ଲିଅରିଂ-ହାଉସରେ ଅଂଶଗ୍ରହଣ କରୁଥିବା ଶାଖା ସଂଖ୍ୟା |
|---|---|---|---|---|---|
| ଭୁବନେଶ୍ୱର କ୍ଷେତ୍ର | ୨୭ | ୨୫ | ୨୯ | ୮୧ | ୨୩ |
| ସମ୍ବଲପୁର କ୍ଷେତ୍ର | ୨୪ | ୨୪ | ୬ | ୫୪ | ୨୦ |
| ମୋଟ | ୫୧ | ୪୯ | ୩୫ | ୧୩୫ | ୪୩ |

**<u>"ସ୍ପେଶାଲ୍ ଆସିଷ୍ଟାଣ୍ଟ" ପଦବୀ ପୂରଣ</u> :-** ଭୁବନେଶ୍ୱର କ୍ଷେତ୍ରର ବଡବିଲ, ସାଉଥ୍ ବଲଣ୍ଡା ଏବଂ ସମ୍ବଲପୁର କ୍ଷେତ୍ରର ନାକ୍ଟିଦେଉଲ୍ ଶାଖା ୩ଟିର "ସ୍ପେଶାଲ୍ ଆସିଷ୍ଟାଣ୍ଟ" ପଦବୀ ପାଇଁ ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷ ଗତ ତା୧୪.୦୩.୨୦୧୮ରିଖରେ ସର୍କ୍ୟୁଲାର୍ ସଂଖ୍ୟା NRO:HRMD:156/2017 ଜାରୀ କରି ଦରଖାସ୍ତ ଆହ୍ୱାନ କରିଥିଲେ । ଆବେଦନକାରୀ ସାଥିମାନଙ୍କ ମଧ୍ୟରୁ ବରିଷତା ଭିତ୍ତିରେ ନିମ୍ନୋକ୍ତ ସାଥିମାନଙ୍କୁ "ସ୍ପେଶାଲ୍ ଆସିଷ୍ଟାଣ୍ଟ" ପଦବୀରେ ଗତ ତା୧୪.୦୩.୨୦୧୮ରିଖଠାରୁ ନିଯୁକ୍ତି ପ୍ରଦାନ କରାଯାଇଅଛି ।

| କ୍ର | ସାଥିଙ୍କ ନାମ | ପଦବୀ | ଶାଖା | କେଉଁ ଶାଖାରେ ନିଯୁକ୍ତି ପାଇଲେ |
|---|---|---|---|---|
| ୧ | ସଦନ ମୋହନ ସାହୁ | ହେଡ୍ କ୍ୟାସିଅର୍ | ତୁରଙ୍ଗ | ସାଉଥ୍ ବଲଣ୍ଡା |
| ୨ | ପଙ୍କଜ ଗୁରୁ | ହେଡ୍ କ୍ୟାସିଅର୍ | ବଡମାଲ | ନାକ୍ଟିଦେଉଲ୍ |
| ୩ | ରବିନ୍ଦ୍ର ନାଥ ମହନ୍ତ | ହେଡ୍ କ୍ୟାସିଅର୍ | ଡ଼ୁମୁରିଆ | ବଡବିଲ |

**<u>ଅନୁରୋଧକ୍ରମେ ବଦଳି</u> :-** ନିଜର ଅନୁରୋଧ କ୍ରମେ, ନିମ୍ନୋକ୍ତ ସାଥିମାନଙ୍କର ବଦଳି ହୋଇଅଛି ।

| କ୍ର.ନଂ. | ସାଥିଙ୍କ ନାମ | ବର୍ତ୍ତମାନର ଶାଖା | ପଦବୀ | ପରବର୍ତ୍ତୀ ଶାଖା |
|---|---|---|---|---|
| ୧ | ଲିଟୁ ନାୟକ | ସାଉଥ୍ ବଲଣ୍ଡା | ସ୍ପେଶାଲ୍ ଆସିଷ୍ଟାଣ୍ଟ | କଲେଜ ଛକ |
| ୨ | ରିକୁନ୍ ପ୍ରସାଦ ଭୋଇ | ନାକ୍ଟିଦେଉଲ୍ | ସ୍ପେଶାଲ୍ ଆସିଷ୍ଟାଣ୍ଟ | ସମ୍ବଲପୁର ମୁଖ୍ୟ |

A. O. U. B. E. A.

ଏ. ଓ. ୟୁ. ବି. ଇ. ଏ.

**<u>BEFI ର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ</u>**

......................................................

................................ BRANCH

ସଂଗ୍ରାମୀ ଅଭିବାଦନ ସହ ।

ଆପଣଙ୍କର

*ସାଧାରଣ ସମ୍ପାଦକ*

**"୧୧ଶ ଦ୍ୱିପାକ୍ଷିକ ରାଜିନାମା" ତୁରନ୍ତ ସ୍ୱାକ୍ଷରିତ ହେବା – ଆମର ଦାବୀ**

Address-Gen. Secy,,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015